# ଶ୍ରୀଜଗନ୍ନାଥ ଧର୍ମଧାରା

ଶ୍ରୀ ଜଗବନ୍ଧୁ ପାଢ଼ୀ

ଶ୍ରୀ ପୁରୁଷୋତ୍ତମ ଜଗନ୍ନାଥ ଓଡ଼ିଶା ରାଜ୍ୟର ପ୍ରଭୁ, ଏହା ମାଦଳାପାଞ୍ଜି ସ୍ୱୀକାର କରିଛି । ତେଣୁ ଶ୍ରୀପୁରୁଷୋତ୍ତମ ଜଗନ୍ନାଥ ଓଡ଼ିଶାର ସବୁ ଅଧିବାସୀଙ୍କର ସମସ୍ତ ପ୍ରକାର ଧାର୍ମିକ ଭାବନାର ପ୍ରତୀକ । ଭାରତରେ ଧର୍ମ କହିଲେ ସମୟାଚାରଭିତ୍ତିକ ମାନବଧର୍ମକୁ ହିଁ ଅଭିହିତ କରାଯାଏ ଓ ଏହି ଧର୍ମଭାବନା ଭାରତୀୟ ପ୍ରାଚୀନ ସାହିତ୍ୟ - ଯଥା ବେଦ, ଉପନିଷଦ୍, ପୁରାଣ, ତନ୍ତ୍ର, ସ୍ମୃତି, ଦର୍ଶନ, କାବ୍ୟ, କଳା ପ୍ରଭୃତିରେ ମଧ୍ୟ ପ୍ରତିଫଳିତ ଓ ପ୍ରତିଷ୍ଠିତ ହୋଇଅଛି । ଯୁଗର ବିବର୍ତ୍ତନରେ ଭାରତୀୟ ଧର୍ମଭାବନାରେ ଯେତେବେଳେ ଯେଉଁଠି ଯାହା କିଛି ନୂତନ ଦିଗନ୍ତର ସନ୍ଧାନ ମିଳିଛି, ଓଡ଼ିଶା ମଧ୍ୟ ତାହାର ସମଭାଗୀ ହୋଇଛି ଓ ସେ ସବୁକୁ ଏକତ୍ର କରି ଜନ୍ମ ନେଇଛନ୍ତି ଓଡ଼ିଶାର ଇଷ୍ଟଦେବ - ଶ୍ରୀପୁରୁଷୋତ୍ତମ ଜଗନ୍ନାଥ ।

ଦେବୋପାସନା ଭାରତୀୟ ଧର୍ମଚେତନାର ଏକ ବିଶିଷ୍ଟ ଅଙ୍ଗ । ବେଦର ମୁଖ୍ୟ ପ୍ରତିପାଦ୍ୟ ଦେବବାଦ । କିନ୍ତୁ ବୈଦିକ ଆଚାରନିଷ୍ଠ ଧର୍ମ କେବଳ ଯାଗଯଜ୍ଞ ଓ ସ୍ତୋତ୍ରପାଠରେ ସୀମିତ ରହିଥିଲା । ଉପନିଷଦ୍ ଯୁଗରେ ଚରମ ତତ୍ତ୍ୱ ରୂପେ ବ୍ରହ୍ମତତ୍ତ୍ୱର ବିକାଶ ଘଟି ତାଙ୍କୁ ପରମାତ୍ମା ରୂପରେ ଗ୍ରହଣ କରାଯିବାରେ ଜୀବ ବା ଜୀବାତ୍ମାମାନଙ୍କର ପରମାତ୍ମୋପଲବ୍ଧି ହିଁ ଏକମାତ୍ର ଧ୍ୟେୟ ବୋଲି ବିଚାର କରାଗଲା । ତାହାର ସାଧନ ହେଲା - ଶ୍ରବଣ, ମନନ ଓ ନିଦିଧ୍ୟାସନ । ବୈଦିକ ଯୁଗରେ ଦେବତାମାନେ ମୁଖ୍ୟତଃ ଥିଲେ ଭୌତିକ ବସ୍ତୁ ସ୍ୱରୂପୀ । ସେମାନେ ଯଜ୍ଞ ଓ ସ୍ତୁତିଦ୍ୱାରା ସନ୍ତୁଷ୍ଟ ହେଲେ ମାନବ ଜଗତର ସବୁପ୍ରକାର କଲ୍ୟାଣ କରୁଥିବା ବିଶ୍ୱାସ ଥିଲା । ଉପନିଷଦ୍ ମାନଙ୍କରେ ଏହି ଭୌତିକ କଲ୍ୟାଣ ବା ସୁଖ ଅପେକ୍ଷା ଜୀବର ଚରମ ଲକ୍ଷ୍ୟ - ମୋକ୍ଷ ପ୍ରତି ଗୁରୁତ୍ୱ ଦିଆଗଲା । ଅନ୍ୟ ପକ୍ଷରେ ତନ୍ତ୍ରଶାସ୍ତ୍ରର ଉଦ୍ଭବ ଓ ବିକାଶ ହୋଇ ବିଭିନ୍ନ ପ୍ରୟୋଜନର ସିଦ୍ଧି ନିମନ୍ତେ ଏକପ୍ରକାର ସାଧନ ମାର୍ଗ ଓ ପୂଜାପଦ୍ଧତିର ଉପଦେଶ ଦିଆଗଲା । ତେଣୁ ଏହିପରି ଭାବରେ କାୟିକ, ବାଚିକ ଓ ମାନସିକ - ଏ ସବୁ ସ୍ତରରେ ଦେବୋପାସନାର ବିଧି ପ୍ରଚଳିତ ହେବାକୁ ଲାଗିଲା ।

ତନ୍ତ୍ର ବା ଆଗମବିଧିରେ ଅନ୍ୟତମ ମୁଖ୍ୟ ଅବୟବ ଥିଲା ପ୍ରତିମା ଉପାସନା । ତାହାକୁ ପାଞ୍ଚରାତ୍ର ନାମକ ବୈଷ୍ଣବ ଆଗମରେ ଅର୍ଚ୍ଚନ କୁହାଯାଉଥିଲା । ବିଭିନ୍ନ ଦେବଦେବୀଙ୍କୁ କେନ୍ଦ୍ର କରି କାଳକ୍ରମେ ବହୁ ଦେବୋପାସକ ସଂପ୍ରଦାୟ ଗଠିତ ହେବାକୁ ଲାଗିଲା ଓ ସେହି ସବୁ ସଂପ୍ରଦାୟର ଆଚାର୍ଯ୍ୟମାନେ ନିଜ ନିଜର ବିଶିଷ୍ଟ ଉପାସନା ପଦ୍ଧତି ପ୍ରବର୍ତ୍ତନ କଲେ । ଏ କ୍ଷେତ୍ରରେ ଭଗବାନ ଶିବ ଓ ଭଗବାନ ବିଷ୍ଣୁଙ୍କୁ କେନ୍ଦ୍ର କରି ଯେଉଁ ସବୁ ସଂପ୍ରଦାୟ ସୃଷ୍ଟି ହୋଇଥିଲେ, ସେମାନଙ୍କର ଉପାସନା ପଦ୍ଧତି ଯଥାକ୍ରମେ ଶୈବାଗମ ଓ ବୈଷ୍ଣବାଗମ ମାନଙ୍କରେ ସ୍ଥାନ ପାଇଲା । ପ୍ରାଚୀନ ବୈଷ୍ଣବ ସଂପ୍ରଦାୟ ସ୍ୱକୀୟ ଆଗମ ଭିତ୍ତିରେ ଦୁଇ ଶାଖାରେ ବିଭକ୍ତ ଥିଲା - (୧) ପାଞ୍ଚରାତ୍ର ଆଗମ ଓ (୨) ବୈଖାନସ ଆଗମ । ସେହିପରି ଶୈବ ସଂପ୍ରଦାୟ ମଧ୍ୟ ଚାରି ଭାଗରେ ଥିଲା, ଯଥା - ପାଶୁପତ, ଶୈବସିଦ୍ଧାନ୍ତ, କାପାଳିକ ଓ କାଳମୁଖ । ବରାହମିହିର ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରେ ଏହିପରି ସାତଗୋଟି ସଂପ୍ରଦାୟ ରହିଥିବା ଉଲ୍ଲେଖ କରିଛନ୍ତି । ସେମାନଙ୍କର ନାମ ଓ ଉପାସ୍ୟ ଦେବମାନଙ୍କର ନାମ ଏହିପରି - ଭାଗବତ (ବିଷ୍ଣୁ), ମଗ ବ୍ରାହ୍ମଣ (ସୂର୍ଯ୍ୟ), ଭସ୍ମଧାରୀ ବ୍ରାହ୍ମଣ (ଶିବ), ମଣ୍ଡଳକ୍ରମ ଜାଣିଥିବା ବ୍ରାହ୍ମଣ (ମାତୃଦେବୀ), ବେଦାଧ୍ୟାୟୀ ବ୍ରାହ୍ମଣ (ବ୍ରହ୍ମା), ଶାକ୍ୟ ବା ରକ୍ତପଟଧାରୀ (ଶାନ୍ତମନା ବୁଦ୍ଧ) ଓ ଦିଗମ୍ବର କ୍ଷପଣକ (ଜିନ) । ଏହା ପରେ ପରେ ଆହୁରି ବହୁତ ଦେବୋପାସକ ସଂପ୍ରଦାୟଙ୍କର ଉଦ୍ଭବ ଭାରତବର୍ଷରେ ହୋଇଥିଲା । ଗଣେଶଙ୍କୁ କେନ୍ଦ୍ର କରି ଗାଣପତ୍ୟ ସଂପ୍ରଦାୟ, କାର୍ତ୍ତିକେୟଙ୍କର ସ୍କାନ୍ଦ ସଂପ୍ରଦାୟ, ଇନ୍ଦ୍ରଙ୍କର ଐନ୍ଦ୍ର ସଂପ୍ରଦାୟ ପ୍ରଭୃତିର ନାମ ମଧ୍ୟ ଶୁଣାଯାଏ । କିନ୍ତୁ ପରବର୍ତ୍ତୀ କାଳରେ ବୈଷ୍ଣବ ସଂପ୍ରଦାୟ ଅଧିକ ଲୋକପ୍ରିୟତା ଲାଭ କରିବା ସହିତ ଆହୁରି ବହୁ ଶାଖାରେ ବିଭକ୍ତ ହୋଇ ଭିନ୍ନ ଭିନ୍ନ ଦର୍ଶନ, ଆଚାରମାର୍ଗ, ପୂଜାବିଧିକୁ ଆଶ୍ରୟ କରିଥିଲା । ଶୈବ ସଂପ୍ରଦାୟର ଲୋକପ୍ରିୟତା ମଧ୍ୟ ପ୍ରଧାନ ଶୈବାଚାର୍ଯ୍ୟ ନକୁଳୀଶ ପାଶୁପତଙ୍କର ପ୍ରଚାର ଫଳରେ କ୍ରମଶଃ ବୃଦ୍ଧି ପାଇ ଚାଲିଥିଲା । ଅନ୍ୟ ସମସ୍ତ ଦେବୋପାସକ ସଂପ୍ରଦାୟ ନିଜ ନିଜ ସୀମିତ କ୍ଷେତ୍ରରେ ସ୍ୱଧର୍ମରେ ନିରତ ରହିଥିବା ସ୍ଥଳେ ବୈଷ୍ଣବ ଓ ଶୈବମାନେ ନିଜ ନିଜର ଲୋକପ୍ରିୟତା ଦୃଷ୍ଟିରୁ ବହୁ ପ୍ରତିପତ୍ତିଶାଳୀ ହୋଇପାରିଥିଲେ । ଏପରିକି, ସେମାନେ

ପରସ୍ପର ମଧ୍ୟରେ କଦାଚିତ୍ ସଂଘର୍ଷରତ ହୋଇଥିବା ଶୁଣାଯାଏ । କିନ୍ତୁ ଭାରତୀୟ ସନାତନ ଧର୍ମ ପ୍ରତି ସାମୂହିକ ବିପତ୍ତି ବିଧର୍ମୀ ମୁସଲମାନଙ୍କ କର୍ତ୍ତୃକ ଦ୍ୱାରଦେଶରେ ଉପସ୍ଥିତ ହୋଇଥିବା ଦୃଷ୍ଟେ ପୁଣି ଶୈବ ଓ ବୈଷ୍ଣବମାନଙ୍କ ମଧ୍ୟରେ ମିତ୍ରତା ଓ ସଂହତି ପ୍ରତିଷ୍ଠିତ ହୋଇଥିଲା । ଭଗବାନ୍ ଶିବ ଓ ଭଗବାନ୍ ବିଷ୍ଣୁ ଏକ ଦୈବତତ୍ତ୍ୱ ବୋଲି ମଧ୍ୟ ବହୁ ପୁରାଣ ଘୋଷଣା କରିଥିଲେ । ନାରଦ ପୁରାଣର ଉକ୍ତି ହେଉଛି -

**ଶିବ ଏବ ହରିଃ ସାକ୍ଷାଦ୍ଧରିରେବ ଶିବଃ ସ୍ୱୟମ୍ ।**
**ଦ୍ୱୟୋରନ୍ତରଦୃଗ୍ ଯାତି ନରକାନ୍ କୋଟିଶଃ ଖଳଃ ।**

ଶିବପୁରାଣରେ ସ୍ୱୟଂ ଶିବ କହିଛନ୍ତି -

**ମମୈବ ହୃଦୟେ ବିଷ୍ଣୁର୍ବିଷ୍ଣୋଶ୍ଚ ହୃଦୟେ ହ୍ୟହମ୍ ।**
**ଉଭୟୋରନ୍ତରଂ ଯୋ ବୈ ନ ଜାନାତି ମତୋ ମମ ।**

ଐତିହାସିକ ମାନଙ୍କ ମଧ୍ୟରେ ପ୍ରାରମ୍ଭିକ ଅବସ୍ଥାରେ ବିଷ୍ଣୁ ଉପାସନା ବୈଦିକ ବିଷ୍ଣୁଦେବତାଙ୍କୁ କେନ୍ଦ୍ର କରି ଉତ୍ପତ୍ତି ଲାଭ କରି ନଥିଲା । ବରାହ ମିହିରଙ୍କ ଭାଷାରେ ବିଷ୍ଣୁ-ଉପାସକମାନେ 'ଭାଗବତ' ନାମରେ ପରିଚିତ ଥିଲେ । ସେମାନେ ମୁଖ୍ୟତଃ ବାସୁଦେବ ଓ ସଂକର୍ଷଣ ନାମକ ଦୁଇ ଦେବତାଙ୍କର ଉପାସନା କରୁଥିଲେ । ପରେ ପରେ ମଥୁରା ଅଞ୍ଚଳର ଆଭୀର ଜାତିର ଲୋକେ ସେମାନଙ୍କର ଜଣେ ମହାପୁରୁଷ ଦେବକୀନନ୍ଦନ କୃଷ୍ଣଙ୍କର ଉପାସନା ଆରମ୍ଭ କରିଥିଲେ । ଏହି କୃଷ୍ଣ ଥିଲେ ସାତ୍ତ୍ୱତବଂଶୀୟ । ସଂଯୋଗ କ୍ରମେ ତାଙ୍କର ପିତାଙ୍କ ନାମ ଥିଲା ବସୁଦେବ ଓ ତେଣୁ ତାଙ୍କୁ ବାସୁଦେବ କୁହାଗଲା । ପରେ କୌଣସି ଅବସ୍ଥାରେ ଏ ଦୁଇ ବାସୁଦେବଙ୍କୁ ଏକ ଓ ଅଭିନ୍ନ ବୋଲି ଗ୍ରହଣ କରାଯାଇଥିଲା । ସେହିପରି ଶୈବ ସଂପ୍ରଦାୟ ମଧ୍ୟ ପ୍ରଥମାବସ୍ଥାରେ ବୈଦିକ ରୁଦ୍ରଙ୍କୁ ତାଙ୍କର ମୁଖ୍ୟ ଉପାସ୍ୟ ବୋଲି ଗ୍ରହଣ କରି ନ ଥିଲା । ଶୈବମାନଙ୍କର ଉପାସ୍ୟ ଥିଲେ ମଙ୍ଗଳମୟ ଶିବ, କିନ୍ତୁ ସେ ଜଗତର ମଙ୍ଗଳ ପାଇଁ ଶ୍ମଶାନରେ ବାସ କରି ଭସ୍ମ ବିଲେପିତ ହୋଇ କଦାଚିତ୍ ରୁଦ୍ର ରୂପ ଧାରଣ କରୁଥିଲେ । ପରେ ତାଙ୍କୁ ବୈଦିକ ଦେବତା ରୁଦ୍ରଙ୍କ ସହିତ ସମନ୍ୱିତ କରାଯାଇଥିଲା । ବରାହ ମିହିରଙ୍କ ବେଳକୁ ଏହି ଅବସ୍ଥା ଆସି ଯାଇଥିଲା ।

ବରାହମିହିର ପୁଣି ମାତୃଗଣଙ୍କର ଉପାସକ ମଣ୍ଡଳକ୍ରମ ବିତ୍‌ମାନଙ୍କ କଥା ମଧ୍ୟ ଉଲ୍ଲେଖ କରିଛନ୍ତି । ଅଧୁନା 'ମଣ୍ଡଳକ୍ରମ' କଥାଟି ସ୍ପଷ୍ଟ ନୁହେଁ । ତଥାପି ପ୍ରାରମ୍ଭିକ ଅବସ୍ଥାରେ ମାତୃଦେବୀମାନଙ୍କୁ କେନ୍ଦ୍ର କରି ଶକ୍ତିପୂଜାର ଉନ୍ମେଷ ଘଟିଥିଲା ବୋଲି କୁହାଯାଇପାରେ । ମହିଷାସୁରମର୍ଦ୍ଦିନୀ ଦୁର୍ଗାଙ୍କର ଉପାସନା ପରେ ପରେ ଆରମ୍ଭ ହୋଇ ଅତି ଲୋକପ୍ରିୟ ହୋଇଥିଲା । ଏହାର ସାହିତ୍ୟିକ ଓ ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଉପଲବ୍ଧ । ମାର୍କଣ୍ଡେୟ, ବାମନ, ବରାହ, ସ୍କନ୍ଦ, ଶିବ ପ୍ରଭୃତି ଉଭୟ ଶୈବ ଓ ବୈଷ୍ଣବ ପୁରାଣମାନଙ୍କରେ ମହାଶକ୍ତି ଦୁର୍ଗାଙ୍କର ଆବିର୍ଭାବ ଓ ମହିଷାସୁର ବଧ ବୃତ୍ତାନ୍ତ ବର୍ଣ୍ଣିତ ହୋଇଅଛି । କେତେକ ଶାକ୍ତ ପୁରାଣ, ଯଥା - କାଳିକା ପୁରାଣ, ଦେବୀ ପୁରାଣ, ଦେବୀ ଭାଗବତ ପ୍ରଭୃତିରେ ମଧ୍ୟ ଏହି ବିବରଣୀ ରହିଛି । ପୁରାଣ ମାନଙ୍କରେ ମହାଶକ୍ତିଙ୍କୁ ସତୀ ଓ ପାର୍ବତୀ ରୂପରେ ଅବତାର ଗ୍ରହଣ କରି ଶିବଙ୍କର ପତ୍ନୀ ଓ ଗଣେଶ ତଥା କାର୍ତ୍ତିକେୟଙ୍କର ମାତା ହୋଇଥିବା ପ୍ରକାଶ କରାଯିବାରେ ଏହି ଦେବଦେବୀମାନଙ୍କ ଉପାସକମାନଙ୍କ ମଧ୍ୟରେ ଭ୍ରାତୃଭାବ ପ୍ରତିଷ୍ଠା ହୋଇପାରିଥିଲା । ତନ୍ତ୍ରୋପାସକମାନଙ୍କ ମଧ୍ୟରେ ଶକ୍ତି ଆରାଧନା ଅଧିକ ଜନପ୍ରିୟତା ଲାଭ କଲା ଓ ସେମାନେ ଏହି ମହାଶକ୍ତିଙ୍କର ବିଭିନ୍ନ ସ୍ୱରୂପ, ଯଥା - ଦୁର୍ଗା, କାଳୀ, ସପ୍ତ ମାତୃକା, ଦଶ ମହାବିଦ୍ୟା, ଚଉଷଠି ଯୋଗିନୀ, ଲଳିତାମ୍ବିକା, କୌଶିକୀ, ଚାମୁଣ୍ଡା ପ୍ରଭୃତି ରୂପରେ ପୂଜା କଲେ । ଖ୍ରୀଷ୍ଟୀୟ ନବମ ଶତାବ୍ଦୀରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ବିଭିନ୍ନ ଦେବୋପାସକମାନଙ୍କ ମଧ୍ୟରେ ସଂହତି ପ୍ରତିଷ୍ଠା ପାଇଁ ପଞ୍ଚଦେବୋପାସନାର ସୂତ୍ର ଆବିଷ୍କାର କରିଥିବା ଶୁଣାଯାଏ । ତେଣୁ କଥିତ ହୁଏ -

**ବିଷ୍ଣୁଃ ଶିବୋ ଗଣେଶାର୍କୌ ଦୁର୍ଗା ପଞ୍ଚୈବ ଦେବତାଃ ।**
**ଆରାଧ୍ୟାଃ ସିଦ୍ଧିକାମେନ ତନ୍ତ୍ରମନ୍ତ୍ରୈର୍ଯଥୋଦିତମ୍ ॥**

ତଥା - **ଆଦିତ୍ୟଂ ଗଣନାଥଂ ଚ ଦେବୀଂ ରୁଦ୍ରଂ ଚ କେଶବମ୍**
**ପଞ୍ଚଦୈବତମିତ୍ୟୁକ୍ତଂ ସର୍ବକର୍ମସୁ ପୂଜୟେତ୍ ॥**

ବାମନ ପୁରାଣରେ ମାନବ ଧର୍ମ ମଧ୍ୟରେ ସ୍ୱାଧ୍ୟାୟ, ବ୍ରହ୍ମଚର୍ଯ୍ୟ, ଦାନ ଓ ଯଜ୍ଞ ପ୍ରଭୃତି କର୍ମ ସହିତ ସମାନ ପର୍ଯ୍ୟାୟରେ ବିଷ୍ଣୁ (ଅଚ୍ୟୁତ), ଶଙ୍କର, ଭାସ୍କର ଓ ଦେବୀ (ମହାଶକ୍ତି)ଙ୍କ ପ୍ରତି ଭକ୍ତିକୁ ମଧ୍ୟ ଗ୍ରହଣ କରାଯାଇଛି ।

ଉପନିଷଦ୍ ଯୁଗ ପରଠାରୁ ଭାରତୀୟ ମନୀଷୀମାନେ ଚରାଚର ଜଗତ୍ ବିଷୟରେ ଗଭୀର ଚିନ୍ତା କରିବାରେ ଲାଗିଥିଲେ ଓ ସେମାନେ ଏହି ନାନାବିଧ ସୃଷ୍ଟିର ରହସ୍ୟକୁ ନିଜର ପ୍ରାତିଭ ଚକ୍ଷୁ ସାହାଯ୍ୟରେ ଯେପରି ଭାବରେ ଦେଖିଥିଲେ, ତାହାକୁ ସେମାନେ ସେହି ଭାବରେ ବ୍ୟାଖ୍ୟା କରିଥିଲେ । ନିଜର ସିଦ୍ଧାନ୍ତଗୁଡ଼ିକୁ ସେମାନେ ଶ୍ଳୋକାକାରରେ କିମ୍ବା ସୂତ୍ରାକାରରେ ଲିପିବଦ୍ଧ ମଧ୍ୟ କରିଥିଲେ । ତାହାକୁ ଦର୍ଶନ କୁହାଗଲା । ଦୃଷ୍ଟିର ଭିନ୍ନତା ଯୋଗେ ଭାରତୀୟ ଦର୍ଶନକୁ ସାତଭାଗରେ ବିଭକ୍ତ କରାଯାଏ, ଯଥା - ଲୋକାୟତିକ, ବୌଦ୍ଧ, ଜୈନ, ନ୍ୟାୟ, ବୈଶେଷିକ, ସାଂଖ୍ୟ, ଯୋଗ, ମୀମାଂସା ଓ ବେଦାନ୍ତ । ଶେଷ

ଛଅଗୋଟି ଦର୍ଶନ ବେଦର ପ୍ରାମାଣ୍ୟକୁ ଗ୍ରହଣ କରିବାରୁ 'ଆସ୍ତିକ ଦର୍ଶନ' ନାମରେ ପରିଚିତ ହେଲେ ଓ କ୍ରମେ ସେମାନଙ୍କ ମଧ୍ୟରେ ବେଦାନ୍ତ ମୁଖ୍ୟ ସ୍ଥାନ ଅଧିକାର କଲା । ଉପନିଷଦ୍‌ର ବ୍ରହ୍ମତତ୍ତ୍ୱ ଓ ଆତ୍ମତତ୍ତ୍ୱ ବେଦାନ୍ତ ଦର୍ଶନରେ ସୁସଂବଦ୍ଧଭାବରେ ସୂତ୍ରାକାରରେ ବ୍ୟାଖ୍ୟାତ ହେଲା ଓ ତାହାକୁ ବ୍ରହ୍ମସୂତ୍ର ଆଖ୍ୟା ଦିଆଗଲା । ଏଠାରେ ସ୍ମରଣ ରଖିବାକୁ ହେବ ଯେ, ମନ୍ତ୍ର-ବ୍ରାହ୍ମଣାତ୍ମକ ବେଦର ଅନ୍ତିମ ଭାଗ ହେଉଛି ଉପନିଷଦ୍ ନାମକ ବେଦଭାଗ ଓ ସେଥିପାଇଁ ଉପନିଷଦ୍‌ର ଅନ୍ୟ ନାମ ବେଦାନ୍ତ । ଉପନିଷଦ ପ୍ରତିପାଦିତ ବ୍ରହ୍ମତତ୍ତ୍ୱ ହିଁ ବେଦାନ୍ତର ଉପଜୀବ୍ୟ ଓ ସେହି କାରଣରୁ ବ୍ରହ୍ମତତ୍ତ୍ୱ ପ୍ରତିପାଦକ ଜୀବନ-ଦର୍ଶନ ବେଦାନ୍ତ ନାମରେ ଅଭିହିତ । ବେଦାନ୍ତକୁ ଏକ ସୁସଂବଦ୍ଧ ଦର୍ଶନର ରୂପ ଦେଇଥିବା ବ୍ରହ୍ମସୂତ୍ର- ପ୍ରଣେତା ବାଦରାୟଣ ଏହାକୁ ଯେଉଁ ଚାରିଗୋଟି ଅଧ୍ୟାୟରେ ବିଭକ୍ତ କରିଛନ୍ତି, ତାର ନାମ ହେଲା - (୧) ସମନ୍ୱୟାଧ୍ୟାୟ, ଯେଉଁଥିରେ ଉପନିଷଦ୍‌ମାନଙ୍କରେ ପରମ ତତ୍ତ୍ୱରୂପରେ ବର୍ଣ୍ଣିତ ବିଭିନ୍ନ ଶବ୍ଦର ଏକମାତ୍ର ବ୍ରହ୍ମଙ୍କର ପ୍ରତିପାଦନରୂପରେ ଅନ୍ୱୟ ରହିଛି, (୨) ଅବିରୋଧାଧ୍ୟାୟ, ଯେଉଁଥିରେ ସ୍ମୃତି, ତର୍କ, ଆଗମ ପ୍ରଭୃତି ସହିତ ବେଦାନ୍ତ ମତର ଅବିରୋଧ ପ୍ରତିପାଦିତ ହୋଇଛି, (୩) ସାଧନାଧ୍ୟାୟ, ଯେଉଁଥିରେ ପରଂବ୍ରହ୍ମଙ୍କ ପ୍ରାପ୍ତିର ସାଧନଭୂତା ବ୍ରହ୍ମବିଦ୍ୟା ତଥା ଅନ୍ୟାନ୍ୟ ଉପାସନାଗୁଡ଼ିକର ଆଲୋଚନା କରାଯାଇଛି ଓ (୪) ଫଳାଧ୍ୟାୟ, ଯେଉଁଥିରେ ସାଧକର ଅଧିକାର ଅନୁରୂପେ ବିଭିନ୍ନ ବିଦ୍ୟାର ଫଳଗୁଡ଼ିକର ଆଲୋଚନା ହେବା ସଙ୍ଗେ ସଙ୍ଗେ ସଗୁଣ ଓ ନିର୍ଗୁଣ ଉପାସନାର ଫଳତାରତମ୍ୟ ବିଷୟରେ ବିଚାର କରାଯାଇଛି । କିନ୍ତୁ ସୂତ୍ରଗୁଡ଼ିକରେ ଏପରି ଭାବରେ ଶବ୍ଦ ସଂଯୋଜନ ହୋଇଛି ଯେ, ଗଭୀର ମନନ ଓ ଚିନ୍ତନ ବ୍ୟତିରେକେ ତାହାର ଅର୍ଥବୋଧ ସହଜ ନୁହେଁ । ତେଣୁ ବିଭିନ୍ନ ଭାଷ୍ୟକାର ନିଜ ନିଜର ସିଦ୍ଧାନ୍ତ ଅନୁରୂପେ ବିଚାର ପ୍ରସ୍ତୁତ କରି ବ୍ରହ୍ମସୂତ୍ରର ଭାଷ୍ୟ ରଚନା କରିଛନ୍ତି । ଖ୍ରୀଷ୍ଟୀୟ ଦଶମ-ଏକାଦଶ ଶତାବ୍ଦୀରେ ଦର୍ଶନ ସହିତ ଧର୍ମ ବା ଦେବୋପାସନାର ମିଶ୍ରଣ ଘଟିବାରେ ଭାଷ୍ୟକାରଗଣ ନିଜ ନିଜର ସାଂପ୍ରଦାୟିକ ମତାନୁରୂପେ ବ୍ରହ୍ମସୂତ୍ରର ଭାଷ୍ୟ ରଚନା କରି ସୂତ୍ରଗୁଡ଼ିକର ଅର୍ଥ-ଅର୍ଥାନ୍ତର କରିଛନ୍ତି ।

ଧର୍ମଶାସ୍ତ୍ର ପ୍ରାରମ୍ଭିକ ଅବସ୍ଥାରେ ସୂତ୍ରାକାରରେ ନିବଦ୍ଧ ହୋଇ ବେଦାଙ୍ଗର ଅନ୍ତର୍ଭୁକ୍ତ ହୋଇଥିଲା । ବେଦାଙ୍ଗ ଥିଲା ଛଅଟି - ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦ ଓ ଜ୍ୟୋତିଷ । ଧର୍ମଶାସ୍ତ୍ର ଥିଲା କଳ୍ପର ଅଙ୍ଗଭୂତ । କଳ୍ପ ମୁଖ୍ୟତଃ ତିନିଭାଗରେ ବିଭକ୍ତ ଥିଲା - ଶ୍ରୌତ, ଗୃହ୍ୟ ଓ ଧର୍ମ । ଏହା ବେଦର କର୍ମକାଣ୍ଡ ଅଂଶ ଭାବରେ ଅଭିବ୍ୟକ୍ତ । ଶ୍ରୌତ କର୍ମକାଣ୍ଡ ଅତ୍ୟନ୍ତ ବ୍ୟାପକ ଥିଲା । ଏଥିରେ ଅଗ୍ନିହୋତ୍ର, ଦର୍ଶପୂର୍ଣ୍ଣମାସ, ଚାତୁର୍ମାସ୍ୟ, ଅଗ୍ନିଷ୍ଟୋମ, ଗବାମୟନ, ବାଜପେୟ, ଅଶ୍ୱମେଧ, ରାଜସୂୟ ପ୍ରଭୃତି ବିଭିନ୍ନ ଯଜ୍ଞର ପଦ୍ଧତି ବର୍ଣ୍ଣନା କରାଯିବା ଅବସରରେ ସଂପୃକ୍ତ ଦେବତାମାନଙ୍କ ଉଦ୍ଦେଶ୍ୟରେ ହବ୍ୟ ପ୍ରଦାନ କରିବାର ବିଧି ବିସ୍ତାର ସହକାରେ କଥିତ ହୋଇଥିଲା । ବେଦର ବ୍ରାହ୍ମଣଭାଗ ମୁଖ୍ୟତଃ ଏହି କର୍ମକାଣ୍ଡ ବିଷୟକ ହିଁ ଥିଲା । ତହିଁରେ ବିଭିନ୍ନ ଯଜ୍ଞର ବିଧି-ନିଷେଧ ସହିତ ହେତୁ, ନିର୍ବଚନ, ନିନ୍ଦା-ପ୍ରଶଂସା, ପରକୃତି-ପୁରାକଳ୍ପ ପ୍ରଭୃତି ସନ୍ନିବେଶିତ ହୋଇ ସେହି ସବୁ ଯଜ୍ଞର ତାତ୍ତ୍ୱିକ ବିବେଚନ କରାଯାଇଥିଲା । **'ମନ୍ତ୍ରବ୍ରାହ୍ମଣୟୋର୍ବେଦନାମଧେୟମ୍'** - ଏହି ଉକ୍ତିଦ୍ୱାରା ଉଭୟ ମନ୍ତ୍ରଭାଗ ଓ ବ୍ରାହ୍ମଣଭାଗ ମିଳିତ ଭାବରେ ବେଦର ମାନ୍ୟତା ପାଇଥିଲେ । ତେଣୁ ଶ୍ରୌତ ଯାଗଯଜ୍ଞ ରୂପକ ବୈଦିକ ଦେବୋପାସନା ପଦ୍ଧତି ହିଁ ବେଦର ମୁଖ୍ୟ ଉପଜୀବ୍ୟ ହୋଇ ରହିଥିଲା । କାଳକ୍ରମେ ବେଦର ଭାଷା ସାଧାରଣ ଜନତାଙ୍କ ମଧ୍ୟରେ ଅପ୍ରଚଳିତ ଓ କେତେକାଂଶରେ ଦୁର୍ବୋଧ୍ୟ ହେବାରେ ଓ ଲୌକିକ ଭାଷା ବା ସଂସ୍କୃତ ଭାଷା ସାଧାରଣରେ ବୋଧଗମ୍ୟ ହେବାରେ ବୈଦିକ ଯାଗଯଜ୍ଞ ପ୍ରତି ଜନସାଧାରଣଙ୍କର ଆସ୍ଥା ହ୍ରାସ ପାଇଲା । କେତେକ କହନ୍ତି ଯେ, ବୈଦିକ ଯାଗଯଜ୍ଞରେ ବ୍ୟାପକ ପଶୁହଂସାର ବିଧାନ, ଯଜ୍ଞାନୁଷ୍ଠାନରେ ବହୁ ଅର୍ଥ ଓ ସମ୍ଭାରର ପ୍ରୟୋଜନ, ଯଜ୍ଞାନୁଷ୍ଠାତାମାନଙ୍କର ସାମାଜିକ ପ୍ରତିପତ୍ତି ବୃଦ୍ଧି ପାଇବା ଯୋଗେ ଦମ୍ଭ, ଅହଂକାର ପ୍ରଭୃତି ଅସାମାଜିକ ଗୁଣଗୁଡ଼ିକର ଉତ୍ପତ୍ତି ଆଦି ମଧ୍ୟ ବୈଦିକ ଯାଗଯଜ୍ଞ ପ୍ରତି ଜନସାଧାରଣଙ୍କ ବିମୁଖତାର ଅନ୍ୟାନ୍ୟ କାରଣ ଅଟନ୍ତି । ସେ ଯାହା ହେଉ, ପରେ ସାଧାରଣ ଲୋକେ ବୁଝିବା ଭଳି ଭାଷାରେ ପୁରାଣଗୁଡ଼ିକୁ ରଚନା କରାଗଲା । ଏଥର ରାମାୟଣ ଓ ମହାଭାରତ ନାମକ ଦୁଇ ଇତିହାସ ଓ ବ୍ରହ୍ମ, ବିଷ୍ଣୁ, ଶିବ, ନାରଦ, ଗରୁଡ଼, ବାୟୁ, ବ୍ରହ୍ମାଣ୍ଡ, ବ୍ରହ୍ମବୈବର୍ତ୍ତ ପ୍ରଭୃତି ଅଠର ଗୋଟି ପୁରାଣରେ ଦେବୋପାସନା ପଦ୍ଧତିର ନୂତନ ଧାରା ବର୍ଣ୍ଣିତ ହେଲା । ତାହା ସଙ୍ଗେ ସଙ୍ଗେ ବିଭିନ୍ନ ଦେବଦେବୀମାନଙ୍କର ଉତ୍ପତ୍ତି ବିବରଣ, ଅଲୌକିକ କ୍ରିୟାକଳାପ, ମାହାତ୍ମ୍ୟ, ସେମାନଙ୍କର ଭକ୍ତମାନଙ୍କର ପରିଚୟ ଓ ଉପାଖ୍ୟାନ, ଅସୁରମାନଙ୍କର ଉପଦ୍ରବ ଓ ଦେବତାମାନଙ୍କ ଦ୍ୱାରା ସେମାନଙ୍କର ନିଧନ ପ୍ରଭୃତି କଥା ମଧ୍ୟ ତହିଁରେ ସନ୍ନିବେଶିତ ହୋଇ ମୂଳ ପ୍ରୟୋଜନ ଯଥା - ଦେବୋପାସନା ପ୍ରତି ଜନସାଧାରଣଙ୍କର ପ୍ରବୃତ୍ତିର ଉତ୍ପାଦନ ଓ ଅଭିବୃଦ୍ଧି କରାଗଲା । ଶ୍ରୀପୁରୁଷୋତ୍ତମ ଜଗନ୍ନାଥଙ୍କର ଉତ୍ପତ୍ତି ଓ ପ୍ରତିଷ୍ଠା

ବିବରଣ ସେହି କ୍ରମରେ ବ୍ରହ୍ମ ପୁରାଣ, ନାରଦ ପୁରାଣ, ସ୍କନ୍ଦ ପୁରାଣର ବିଷ୍ଣୁଖଣ୍ଡ ଅର୍ନ୍ତଗତ ପୁରୁଷୋତ୍ତମ ମାହାତ୍ମ୍ୟ ପ୍ରଭୃତିରେ ବର୍ଣ୍ଣିତ ହେଲା ।

ପୁରାଣମାନଙ୍କରେ ଯେଉଁ ସମସ୍ତ ଦେବୋପାସନା ଭିତ୍ତିକ ଧର୍ମର ପ୍ରତିପାଦନ କରାଗଲା, ତାହା ପୌରାଣିକ ଧର୍ମ ନାମରେ ବିଦିତ । ଏହି ପୁରାଣଗୁଡ଼ିକ ସରଳ ସଂସ୍କୃତ ଭାଷାରେ ରଚିତ ହୋଇଥିବାରୁ ତାହା ସାଧାରଣ ଜନତାଙ୍କ ପକ୍ଷରେ ବୋଧଗମ୍ୟ ହୋଇ ଲୋକପ୍ରିୟ ହୋଇପାରିଲା । ଯାଗଯଜ୍ଞାଦିରୂପକ ଯେଉଁ ଦେବୋପାସନା ପଦ୍ଧତି ବୈଦିକ ଯୁଗରେ ପ୍ରଚଳିତ ଥିଲା, ପୌରାଣିକ ଯୁଗରେ ତାହାର ସରଳୀକରଣ କରାଯାଇ ବ୍ରତ, ଦାନ, ତୀର୍ଥଯାତ୍ରା, ଜପ, ସଂକୀର୍ତ୍ତନ ପ୍ରଭୃତିକୁ ଦେବୋପାସନାର ଅଙ୍ଗରୂପେ ଗ୍ରହଣ କରାଗଲା । କିନ୍ତୁ ଭାରତର ସନାତନ ବୈଦିକ ଧର୍ମ ପ୍ରତି ଜନସାଧାରଣଙ୍କର ଯେଉଁ ଶ୍ରଦ୍ଧା ଥିଲା, ତାହାକୁ ଅକ୍ଷୁଣ୍ଣ ରଖିବା ପାଇଁ ଭିନ୍ନ ଭିନ୍ନ ପୁରାଣ ସ୍ୱପ୍ରତିପାଦିତ ଧର୍ମକୁ ବେଦମୂଳକ ବୋଲି ହିଁ ଘୋଷଣା କରିଥିଲେ । ତେଣୁ କେତେକ ପୁରାଣରେ ଏହା ମଧ୍ୟ ପ୍ରକାଶ କରାଗଲା ଯେ, ଯେ ବେଦ ଅଧ୍ୟୟନ କରିବେ, ସେ ତାହା ସହିତ ଇତିହାସ ଓ ପୁରାଣକୁ ମଧ୍ୟ ଅଧ୍ୟୟନ କରିବେ । ତାହା ନ ହେଲେ ତାଙ୍କର ଶ୍ରୋତ୍ରିୟତ୍ୱ ହ୍ରାସ ପାଇବ । ସ୍ୱୟଂ ବେଦ ହିଁ ତାଙ୍କୁ ମୋତେ ମାଡ଼ ମାରିବ କି ବୋଲି ଭୟ କରିବେ ।

ଯଥା - **ଇତିହାସପୁରାଣାଭ୍ୟାଂ ବେଦଂ ସମୁପବୃଂହୟେତ୍ ।**
**ବିଭେତ୍ୟଳ୍ପଶ୍ରୁତାଦ୍ବେଦୋ ମାମୟଂ ପ୍ରହରିଷ୍ୟତି ॥**

ଏହି ଦୃଷ୍ଟିରୁ ପୌରାଣିକ ଧର୍ମ ହେଉଛି ବୈଦିକ ଧର୍ମର ଉପବୃଂହଣ ବା ସଂପ୍ରସାରଣ ମାତ୍ର, ଏକ ପୃଥକ୍ ଧର୍ମ ନୁହେଁ । ପୁରାଣମାନେ ମଧ୍ୟ କ୍ୱଚିତ୍ ନିଜକୁ ପଞ୍ଚମ ବେଦ କହି ପୌରାଣିକ ଧର୍ମର ବେଦମୂଳକତ୍ୱ ପ୍ରତିପାଦନ କରିଛନ୍ତି । ଭାଗବତ ମହାପୁରାଣରେ ସ୍ପଷ୍ଟରୂପରେ କୁହାଯାଇଛି ଯେ, ଭଗବାନ ହରି ଯଜ୍ଞସନ୍ତତି ନିମନ୍ତେ ବେଦକୁ ଚାରିଭାଗରେ ଉଦ୍ଧାର କରିଥିଲେ ମଧ୍ୟ, ସ୍ତ୍ରୀ ଓ ଶୁଦ୍ରମାନେ ସେହି ବେଦ ଅଧ୍ୟୟନ କରିବାର ଅଧିକାର ପାଇ ନ ଥିବାରୁ ସେମାନଙ୍କ ପାଇଁ ପଞ୍ଚମ ବେଦ ରୂପରେ ଇତିହାସ ଓ ପୁରାଣକୁ ରଚନା କରିଥିଲେ ।

ବେଦାନ୍ତର ବ୍ରହ୍ମତତ୍ତ୍ୱ ସହିତ ବିଭିନ୍ନ ସମ୍ପ୍ରଦାୟ ନିଜ ନିଜର ଉପାସ୍ୟ ଦେବଦେବୀଙ୍କୁ ସମନ୍ୱିତ କରିବାକୁ ଲାଗିଥିଲେ ଓ ଏ ଦିଗରେ ବିଷ୍ଣୁ ଉପାସକଗଣ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ସେମାନେ ଭଗବାନ ବିଷ୍ଣୁଙ୍କୁ ପରଂବ୍ରହ୍ମ ତତ୍ତ୍ୱ ସହିତ ଅଭିନ୍ନ ରୂପରେ ପ୍ରକାଶ କରି ତାଙ୍କୁ ଜଗତର ସୃଷ୍ଟି, ସ୍ଥିତି ଓ ଲୟର କାରଣ ସର୍ବାନ୍ତର୍ଯ୍ୟାମୀ ରୂପରେ ପ୍ରତିପାଦନ କରିଥିଲେ । ଏହି ଭାବନା ଅବଶ୍ୟ ବହୁ ପରେ, ଅର୍ଥାତ୍ ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀରେ ଜାଗରିତ ହୋଇଥିଲା । ସମ୍ଭବତଃ ଶ୍ରୀସମ୍ପ୍ରଦାୟର ବୈଷ୍ଣବାଚାର୍ଯ୍ୟ ରାମାନୁଜ ପ୍ରଥମେ ବିଷ୍ଣୁ ପୁରୁଷୋତ୍ତମଙ୍କୁ ପରଂବ୍ରହ୍ମ ରୂପରେ ଉପସ୍ଥାପିତ କରିଥିଲେ । କେହି ଶ୍ରୀକୃଷ୍ଣଙ୍କୁ, କେହି ଶ୍ରୀରାମଙ୍କୁ, କେହି ଗୋପାଳଙ୍କୁ ପରଂବ୍ରହ୍ମ ବୋଲି ପ୍ରତିଷ୍ଠିତ କରିବା ପରେ କେତେକ ଶୈବତନ୍ତ୍ର ମହାଦେବ ଶିବଙ୍କୁ ଓ କେତେକ ଶାକ୍ତ ତନ୍ତ୍ର ମହାଶକ୍ତି ବା ମହାଦେବୀଙ୍କୁ ମଧ୍ୟ ପରଂବ୍ରହ୍ମ ସ୍ୱରୂପରେ ବ୍ୟକ୍ତ କରିଥିଲେ ଓ ସମସ୍ତେ ନିଜ ନିଜ ଉପାସ୍ୟ ଦେବଦେବୀଙ୍କୁ ବେଦାନ୍ତ ପରିପ୍ରେକ୍ଷୀରେ ହିଁ ପ୍ରତିଷ୍ଠିତ କରିଥିଲେ ।

ଭଗବାନ ଶ୍ରୀକୃଷ୍ଣଙ୍କୁ ବେଦାନ୍ତ ପ୍ରତିପାଦ୍ୟ ପରଂବ୍ରହ୍ମ ସ୍ୱରୂପରେ ପ୍ରତିଷ୍ଠା କରିବା ଦିଗରେ ମହାଭାରତ ଅର୍ନ୍ତଗତ ଅଠର ଅଧ୍ୟାୟାତ୍ମକ 'ଗୀତା'ର ବିଶେଷ ଅବଦାନ ରହିଛି । ଏହା କର୍ମ, ଜ୍ଞାନ ଓ ଭକ୍ତିର ଏକ ମନୋଜ୍ଞ ସାଧନ ଶାସ୍ତ୍ର । ଏହାର ଦଶମ ଓ ଏକାଦଶ ଅଧ୍ୟାୟ - ଅର୍ଥାତ୍ ବିଭୂତି ଯୋଗ ଓ ବିଶ୍ୱରୂପ ଦର୍ଶନ ଯୋଗରେ କୃଷ୍ଣଙ୍କର ସର୍ବବ୍ୟାପକତ୍ୱର ଜୟଗାନ ହୋଇଛି । ତ୍ରୟୋଦଶ ଅଧ୍ୟାୟ ଠାରୁ ପଞ୍ଚଦଶ ଅଧ୍ୟାୟରେ ତାଙ୍କର ଜଗତ୍‌ସ୍ରଷ୍ଟୃତ୍ୱର ପ୍ରତିପାଦନ କରାଯିବା ସଙ୍ଗେ ସଙ୍ଗେ ତାଙ୍କର ସର୍ବବ୍ୟାପକତ୍ୱ ଓ ସର୍ବଶ୍ରେଷ୍ଠତ୍ୱ ପ୍ରତିଷ୍ଠିତ କରାଯାଇଛି ।

ଏହି ଭାବନାକୁ ପରିପ୍ରକାଶ କରିବା ପାଇଁ ଯେଉଁ ସବୁ ପୁରାଣ ଗ୍ରନ୍ଥ ରଚନା କରାଯାଇଥିଲା, ତାହାକୁ ବୈଷ୍ଣବ ପୁରାଣ କୁହାଯାଏ । ବିଦ୍ୱାନମାନେ ଅଠର ଗୋଟି ପୁରାଣକୁ ବୈଷ୍ଣବ, ଶୈବ ଓ ବ୍ରାହ୍ମ - ଏପରି ତିନି ଭାଗରେ ବିଭକ୍ତ କରନ୍ତି ଓ ପ୍ରତି ଭାଗରେ ଛଅଗୋଟି କରି ପୁରାଣକୁ ସ୍ଥାନିତ କରନ୍ତି । କିନ୍ତୁ ପରବର୍ତ୍ତୀ ଯୁଗରେ ବୈଷ୍ଣବ ଧର୍ମର ପ୍ରାଧାନ୍ୟ ଏପରି ବୃଦ୍ଧି ପାଇଥିଲା ଯେ, ଶିବ, ବାୟୁ, ଲିଙ୍ଗ ପ୍ରଭୃତି ଅଳ୍ପ କେତେକ ପୁରାଣ ବ୍ୟତୀତ ଅନ୍ୟ ସମସ୍ତ ପୁରାଣରେ ଭଗବାନ ବିଷ୍ଣୁଙ୍କର ହିଁ ମାହାତ୍ମ୍ୟ କୀର୍ତ୍ତନ କରାଯାଇଥିଲା । ଦ୍ୱାଦଶ ସ୍କନ୍ଧ ବିଶିଷ୍ଟ ଭାଗବତ ପୁରାଣ ସେମାନଙ୍କ ମଧ୍ୟରେ ଶ୍ରେଷ୍ଠ ଓ ଏହା ମହାପୁରାଣ ନାମରେ ମଧ୍ୟ କଥିତ । କେହି କେହି ଏହାକୁ ବିଷ୍ଣୁ ଭାଗବତ ବୋଲି ମଧ୍ୟ କହିଥାନ୍ତି । କାରଣ ଦେବୀ ଭାଗବତ ଓ ଶିବ ଭାଗବତ ନାମରେ ସେହିପରି ଦ୍ୱାଦଶ ସ୍କନ୍ଧ ବିଶିଷ୍ଟ ମହାପୁରାଣ ମଧ୍ୟ ଅଧୁନା ଉପଲବ୍ଧ । ସେଗୁଡ଼ିକର ମୌଳିକତା ଓ ପ୍ରାଚୀନତା ଅବଶ୍ୟ ଗବେଷଣାର ବିଷୟ । ହେଲେ, ତଥାକଥିତ ବିଷ୍ଣୁ ଭାଗବତ ବା ଭାଗବତ ମହାପୁରାଣର ଉପଜୀବ୍ୟ ହେଉଛନ୍ତି ବାସୁଦେବ କୃଷ୍ଣ । ସେ ହିଁ **'ବ୍ରହ୍ମେତି**

**ପରମାତ୍ମେତି ଭଗବାନିତି ଶବ୍ଦ୍ୟତେ'** । ଏହା ଅନୁସାରେ କିନ୍ତୁ ବାସୁଦେବ କୃଷ୍ଣ ବସୁଦେବଙ୍କ ପୁତ୍ର ରୂପରେ ସେହି ନାମ ବିଶିଷ୍ଟ ବୋଲାଇଛନ୍ତି ।

ପାଞ୍ଚରାତ୍ରାଗମ ମତରେ ମଧ୍ୟ ପରମ ଉପାସ୍ୟ ବାସୁଦେବ । ତାଙ୍କର ପାଞ୍ଚଗୋଟି ସ୍ୱରୂପ - ପର, ବ୍ୟୂହ, ବିଭବ, ଅର୍ଚ୍ଚା ଓ ଅନ୍ତର୍ଯ୍ୟାମୀ । ପର କହିଲେ ପରମ ତତ୍ତ୍ୱ ବା ସର୍ବଶ୍ରେଷ୍ଠ ସତ୍ତାକୁ ବୁଝାଏ । ବ୍ୟୂହ ହେଲା ଆବରଣ, ଏହା ଚାରିଗୋଟି, ଯଥା - ବାସୁଦେବ, ସଙ୍କର୍ଷଣ, ପ୍ରଦ୍ୟୁମ୍ନ ଓ ଅନିରୁଦ୍ଧ । ବାସୁଦେବ ସର୍ବବ୍ୟାପୀ ପରମାତ୍ମା ହେଲେ ସଙ୍କର୍ଷଣ ଜୀବାତ୍ମା, ପ୍ରଦ୍ୟୁମ୍ନ ମନ ଓ ଅନିରୁଦ୍ଧ ଅହଂକାର । ବିଭବ ଅବତାର ସ୍ୱରୂପର ସଙ୍କେତକ । ବୈଷ୍ଣବ ଶାସ୍ତ୍ରମାନଙ୍କରେ ଭଗବାନ ବିଷ୍ଣୁଙ୍କର ବହୁ ଅବତାରର ବର୍ଣ୍ଣନ ରହିଅଛି । ପୃଥିବୀର ପାପଭାର ଲାଘବ କରିବାକୁ ସ୍ୱୟଂ ବିଷ୍ଣୁ ମର୍ତ୍ତ୍ୟଲୋକରେ ଅବତରଣ କରନ୍ତି ଓ ଲୌକିକ ଶରୀର ଧାରଣ କରନ୍ତି । 'ଗୀତା'ରେ କଥିତ ଅଛି -

**ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ**
**ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।**
**ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍**
**ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥**

ଭାଗବତ ମହାପୁରାଣରେ କଥିତ ହୋଇଛି ଯେ, ଭଗବାନ ଅସଂଖ୍ୟ ଅବତାର ଧାରଣ କରିଛନ୍ତି । କିନ୍ତୁ ତହିଁରେ ବାଇଶିଟି ଅବତାର ସମ୍ପର୍କରେ ବର୍ଣ୍ଣନା ଅଛି । ସାଧାରଣ ରୂପରେ ବୈଷ୍ଣବମାନେ ଭଗବାନ ବିଷ୍ଣୁଙ୍କର ଚବିଶଟି ଅବତାରର ସୂଚନା ଦିଅନ୍ତି । କିନ୍ତୁ ସେହି ସମସ୍ତ ଅବତାର ମଧ୍ୟରେ ଦଶଟି ଅବତାର ଅତି ପ୍ରସିଦ୍ଧ । ବିଭିନ୍ନ ପୁରାଣରେ ଏହି ଦଶ ଅବତାରର ନାମ ଭିନ୍ନ ଭିନ୍ନ ହେଲେ ମଧ୍ୟ ନିମ୍ନୋକ୍ତ ଦଶ ଅବତାର, ଯାହା ମତ୍ସ୍ୟ ପୁରାଣରେ କଥିତ ହୋଇଛି ତାହା ଅତିଶୟ ପ୍ରସିଦ୍ଧି ଅର୍ଜନ କରିଛି ।

**ମତ୍ସ୍ୟଃ କୂର୍ମୋ ବରାହଶ୍ଚ ନରସିଂହୋଽଥ ବାମନଃ**
**ରାମୋ ରାମଶ୍ଚ କୃଷ୍ଣଶ୍ଚ ବୁଦ୍ଧଃ କଲ୍କୀତି ତେ ଦଶ ।**

କିନ୍ତୁ ମହାଭାରତରେ '**ରାମୋ ରାମଶ୍ଚ ରାମଶ୍ଚ କୃଷ୍ଣଃ କଲ୍କୀତି ତେ ଦଶ**' ବୋଲି ଉଲ୍ଲେଖ କରାଯାଇଥିବାରୁ ଓ ଭାଗବତ ମହାପୁରାଣରେ ମଧ୍ୟ ବଳରାମଙ୍କୁ ଭଗବାନ ବିଷ୍ଣୁଙ୍କର ଏକ ଅବତାର ରୂପରେ ଗ୍ରହଣ କରାଯାଇ **'କୃଷ୍ଣସ୍ତୁ ଭଗବାନ୍ ସ୍ୱୟମ୍'** ବୋଲି କୃଷ୍ଣଙ୍କୁ ସମ୍ପୂର୍ଣ୍ଣ ଷୋଡ଼ଶ କଳାସମ୍ପନ୍ନ ବିଷ୍ଣୁସ୍ୱରୂପ ବୋଲି ପ୍ରକାଶ କରାଯାଇ ଥିବାରୁ ଦଶ ଅବତାର ମଧ୍ୟରେ କୃଷ୍ଣଙ୍କ ସ୍ଥାନରେ ବଳରାମଙ୍କୁ ଗ୍ରହଣ କରାଯାଏ । ଓଡ଼ିଆ କବି ତଥା ଗୀତଗୋବିନ୍ଦକାର ଜୟଦେବ ଏହି ଦଶ ଅବତାରଙ୍କୁ ହିଁ ଗ୍ରହଣ କରି ତାଙ୍କର କୃତିର ଆରମ୍ଭରୁ ତାହାର ବର୍ଣ୍ଣନା କରିଅଛନ୍ତି ।

ଅର୍ଚ୍ଚା ଶବ୍ଦର ଅର୍ଥ ଅର୍ଚ୍ଚନୀୟ ବିଗ୍ରହ । ଏହିଠାରୁ ପ୍ରତିମା ପୂଜାର ଆରମ୍ଭ । ଆଗମ ଶାସ୍ତ୍ରରେ ପ୍ରତିମାର ଲକ୍ଷଣ, ଦ୍ରବ୍ୟ, ଗଠନପ୍ରକାର, ପ୍ରତିଷ୍ଠାବିଧି, ଅର୍ଚ୍ଚନକ୍ରମ ପ୍ରଭୃତି ବିସ୍ତୃତ ଭାବରେ ବର୍ଣ୍ଣନା ହୋଇଛି । ତାହା ସହିତ ଉକ୍ତ ବିଗ୍ରହଙ୍କୁ ଉପାସନା କରିବା ପାଇଁ ଦେବାୟତନ ବା ମନ୍ଦିରର ନିର୍ମାଣ ବିଧି ଓ ଲକ୍ଷଣ ମଧ୍ୟ ଉକ୍ତ ଶାସ୍ତ୍ରମାନଙ୍କରେ ବିହିତ ହୋଇଅଛି । ଦେବମନ୍ଦିରର ନିର୍ମାଣ କେବଳ ଶିଳ୍ପଶାସ୍ତ୍ରର ବିଷୟ ନୁହେଁ, ଆଗମଶାସ୍ତ୍ରରେ ମଧ୍ୟ ପ୍ରତିପାଦ୍ୟ ଅଟେ ।

ସମସ୍ତ ପ୍ରାଣୀଙ୍କର ହୃଦୟ ପୁଣ୍ଡରୀକରେ ବାସ କରି ସେମାନଙ୍କର ସମସ୍ତ ବ୍ୟାପାରକୁ ନିୟନ୍ତ୍ରଣ କରୁଥିବାରୁ ଭଗବାନଙ୍କର ଏହି ରୂପକୁ ଅନ୍ତର୍ଯ୍ୟାମୀ କୁହାଯାଇଛି । ବୃହଦାରଣ୍ୟକ ଉପନିଷଦ୍‌ରେ ଅର୍ନ୍ତଯ୍ୟାମୀ ଆତ୍ମାଙ୍କ କଥା କୁହାଯାଇଛି । ଐତରେୟ ଉପନିଷଦ୍‌ରେ କଥିତ ହୋଇଛି ଯେ, ଆତ୍ମା ଏହି ଲୋକ, ଲୋକପାଳ ଏବଂ ସେମାନଙ୍କ ପାଇଁ ଅନ୍ନ ସୃଷ୍ଟି କରିବା ପରେ ସେମାନଙ୍କ ମଧ୍ୟରେ ପ୍ରବେଶ କରି ଯାଇଥିଲେ । ପରମାତ୍ମାଙ୍କ ସୃଷ୍ଟିର ବୈଶିଷ୍ଟ୍ୟ ଏହି ଯେ, ସେ ସମଗ୍ର ଜଗତ୍ ସୃଷ୍ଟି କରିବା ପରେ ତାହାରି ମଧ୍ୟରେ ପ୍ରବିଷ୍ଟ ହୋଇ ରହିଥାନ୍ତି । ସେଇଥିପାଇଁ ତାଙ୍କର ନାମ ବାସୁଦେବ । ମହାଭାରତର ଶାନ୍ତି ପର୍ବରେ ସେ ନିଜେ କହୁଛନ୍ତି -

**ଛାଦୟାମି ଜଗଦ୍‌ବିଶ୍ୱଂ ଭୂତ୍ୱା ସୂର୍ଯ୍ୟ ଇବାଂଶୁଭିଃ ।**
**ସର୍ବଭୂତାଧିବାସଶ୍ଚ ବାସୁଦେବସ୍ତତୋ ହ୍ୟହମ୍ ॥**

ମତ୍ସ୍ୟପୁରାଣରେ ତାହାଙ୍କୁ ହିଁ ଲକ୍ଷ୍ୟ କରାଯାଇ କଥିତ ହୋଇଛି-

**ବସନ୍ତି ତ୍ୱୟି ଭୂତାନି ବ୍ରହ୍ମାଦୀନି ଯୁଗକ୍ଷୟେ ।**
**ତ୍ୱଂ ବା ବସସି ଭୂତେଷୁ ବାସୁଦେବସ୍ତଥୋଚ୍ୟସେ ।**

ତେଣୁ ପ୍ରାଚୀନ କାଳରୁ ଜଗତ୍‌ବ୍ୟାପୀ ହୋଇଥିବା କାରଣରୁ ଭଗବାନ ବିଷ୍ଣୁ ବାସୁଦେବ ବୋଲାଇ ଆସିଛନ୍ତି ।

ଆଗମୋକ୍ତ ଉପାସନା ପଦ୍ଧତିର ମୁଖ୍ୟତମ ଉପାଦାନ ଭକ୍ତି । ନାରଦ ଭକ୍ତି ସୂତ୍ରରେ କଥିତ ହୋଇଛି - **'ସା କସ୍ମୈଚିତ୍ ପରମପ୍ରେମରୂପା ।'** ଅର୍ଥାତ୍ କୌଣସି ପରମେଶ୍ୱର ତତ୍ତ୍ୱଙ୍କ ଠାରେ ପରମପ୍ରେମରୂପା ବୃତ୍ତି ହିଁ ଭକ୍ତି ଅଟେ । ଭାଗବତରେ ହିଁ ନଅପ୍ରକାର ଭକ୍ତିର ଲକ୍ଷଣ ପ୍ରଦାନ କରାଯାଇଛି । ଯଥା -

**ଶ୍ରବଣଂ କୀର୍ତ୍ତନଂ ବିଷ୍ଣୋଃ ସ୍ମରଣଂ ପାଦସେବନମ୍ ।**
**ଅର୍ଚ୍ଚନଂ ବନ୍ଦନଂ ଦାସ୍ୟଂ ସଖ୍ୟମାତ୍ମନିବେଦନମ୍ ॥**
**ଇତି ପୁଂସାର୍ପିତା ବିଷ୍ଣୌ ଭକ୍ତିଶ୍ଚେନ୍ନବଲକ୍ଷଣା ।**

ପରବର୍ତ୍ତୀ ବୈଷ୍ଣବାଚାର୍ଯ୍ୟମାନେ ଭକ୍ତିତତ୍ତ୍ୱର ପ୍ରଚୁର

ବିକାଶ ସାଧନ କରିଛନ୍ତି । ଉପର୍ଯ୍ୟୁକ୍ତ ନଅପ୍ରକାର ଭକ୍ତି ମଧ୍ୟରୁ ଅଧୁନା ଅର୍ଚ୍ଚନ ଭକ୍ତି ଆଲୋଚ୍ୟ । ପାଞ୍ଚରାତ୍ରାଗମର ବିଗ୍ରହ ସ୍ୱରୂପ ବ୍ୟଞ୍ଜକ 'ଅର୍ଚ୍ଚା' ଶବ୍ଦ ଓ ଭାଗବତ ପୁରାଣର ଭକ୍ତି ବ୍ୟଞ୍ଜକ 'ଅର୍ଚ୍ଚନ' ଶବ୍ଦ ମଧ୍ୟରେ କୌଣସି ଅର୍ଥଗତ ପ୍ରଭେଦ ନାହିଁ । ତେଣୁ ତତ୍ତ୍ୱଗତ ପ୍ରଭେଦ ମଧ୍ୟ କିଛି ନଥିବାର ସ୍ୱୀକାର୍ଯ୍ୟ । ଅତଏବ 'ଅର୍ଚ୍ଚନ' ଭକ୍ତି କହିଲେ ଉପାସ୍ୟ ଦେବତାଙ୍କର ବିଗ୍ରହପୂଜାକୁ ହିଁ ବୁଝାଇବା ସ୍ୱାଭାବିକ । ଐତିହାସିକମାନେ ପ୍ରକାଶ କରନ୍ତି ଯେ, ଭାରତୀୟ ଧର୍ମଭାବନାରେ ମୂର୍ତ୍ତି ପୂଜା ବହୁ ବିଳମ୍ବରେ ପ୍ରବେଶ କରିଥିଲା, କାରଣ ବୈଦିକ ଧର୍ମ ଚେତନାରେ ଏ ବ୍ୟବସ୍ଥା ନଥିଲା କି ଉପନିଷଦ୍ ଯୁଗରେ ମଧ୍ୟ ମୂର୍ତ୍ତିପୂଜାର ଉଦ୍ଭବ ହୋଇନଥିଲା । କେତେକ ଆଲୋଚକ ଏହା ମନେ କରନ୍ତି ଯେ, ପରବର୍ତ୍ତୀ କାଳରେ ବୌଦ୍ଧଧର୍ମର ମୂର୍ତ୍ତିପୂଜା ହିଁ ଆର୍ଯ୍ୟ ସନାତନ ଧର୍ମରେ ପ୍ରବେଶ କରିଛି । ଏହାର ସୃଷ୍ଟି ରହସ୍ୟ ଯାହା ହେଉନା କାହିଁକି, ପୂର୍ବରୁ ପ୍ରଚଳିତ ଆଗମଧାରା ହିଁ ଏହି ସନାତନ ଧର୍ମରେ ମୂର୍ତ୍ତିପୂଜାର ଉତ୍ସ ବୋଲି ଉଲ୍ଲେଖ କରାଯାଇଛି ଓ ତାହା ହିଁ ସତ୍ୟ ।

ପରବର୍ତ୍ତୀ ଯୁଗରେ ଉପନିଷଦ୍ ବା ବେଦାନ୍ତର ବ୍ରହ୍ମଙ୍କୁ ମଧ୍ୟ ମୂର୍ତ୍ତିପୂଜା ଆଡ଼କୁ ଟାଣି ନିଆଯାଇଥିଲା । ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱୟଂ ନିର୍ବିଶେଷ ଅଦ୍ୱୈତବାଦୀ ରହି ବ୍ରହ୍ମଙ୍କୁ ନିତ୍ୟ ଶୁଦ୍ଧ ବୁଦ୍ଧ ମୁକ୍ତ ସ୍ୱଭାବ ବୋଲି ଘୋଷଣା କରିଥିଲେ ମଧ୍ୟ ବାଧ୍ୟ ହୋଇ ତାଙ୍କର ଦୁଇଟି ରୂପର ସ୍ୱୀକାର କରିଥିଲେ । ଗୋଟିଏ ହେଲା ନିର୍ଗୁଣ ରୂପ ଓ ଅନ୍ୟଟି ସଗୁଣ ରୂପ । ତାଙ୍କର ପାରମାର୍ଥିକ ରୂପ ନିର୍ଗୁଣ ଓ ନିରାକାର ହେଲେ ମଧ୍ୟ ସେ ସୃଷ୍ଟି ଉତ୍ପାଦନ କରି ନିଜର ଲୀଳା ବିସ୍ତାର କରିବା ନିମନ୍ତେ ଓ ଭକ୍ତମାନଙ୍କର ଉପାସନା ଗ୍ରହଣ କରିବା ନିମନ୍ତେ ମାୟାଶବଳିତ ହୋଇ ସଗୁଣ ରୂପ ଗ୍ରହଣ କରନ୍ତି । ଆକୃତି ମଧ୍ୟ ଏକ ଗୁଣ ବିଶେଷ ହୋଇଥିବାରୁ ବ୍ରହ୍ମ ସ୍ୱଭାବତଃ ନିର୍ଗୁଣ ହେଲେ ମଧ୍ୟ ବ୍ୟାବହାରିକ ରୂପରେ ସଗୁଣ ହୋଇ ସାକାର ହୁଅନ୍ତି । ଶ୍ରୀ ପୁରୁଷୋତ୍ତମ ଜଗନ୍ନାଥଙ୍କ ବିଗ୍ରହତତ୍ତ୍ୱକୁ ଲକ୍ଷ୍ୟ କଲେ ପ୍ରତୀୟମାନ ହୁଏ ଯେ, ସେ ଉଭୟ ନିର୍ଗୁଣ ଓ ସଗୁଣ, ପୁଣି ନିରାକାର ଓ ସାକାର । ତାଙ୍କର ମୂର୍ତ୍ତିକୁ ପ୍ରଣବ ବା ଓଁକାର ସ୍ୱରୂପୀ ବୋଲି କହି କେହି କେହି ତାଙ୍କର ନିର୍ଗୁଣତ୍ୱ ପ୍ରତିପାଦନ କରିଥିବା ବେଳେ ଆଉ କେହି ତାଙ୍କର ଅବୟବ ଯୋଗେ ସଗୁଣ ଓ ସାକାର ବୋଲି କହିଥାନ୍ତି । ପୂର୍ବରୁ କୁହାଯାଇଛି ଯେ, ଆଗମ ଶାସ୍ତ୍ରମାନଙ୍କରେ ଉପାସ୍ୟ ଦେବଦେବୀମାନଙ୍କର ଅର୍ଚ୍ଚାବିଗ୍ରହ ଗୁଡ଼ିକର ଲକ୍ଷଣମାନ ବିସ୍ତାର ସହକାରେ ବର୍ଣ୍ଣିତ ହୋଇଛି, କିନ୍ତୁ ପୁରୁଷୋତ୍ତମ ଜଗନ୍ନାଥଙ୍କର ବିଦ୍ୟମାନ ବିଗ୍ରହ କୌଣସି ଆଗମ ଶାସ୍ତ୍ରରେ ବର୍ଣ୍ଣିତ ନୁହେଁ । ଏହା ଏକ ଅଭିନବ ପରିକଳ୍ପନା । ନିର୍ଗୁଣବାଦୀଙ୍କ ପକ୍ଷରେ ଏହା ନିର୍ଗୁଣ ସ୍ୱରୂପ ଓ ସଗୁଣବାଦୀ (ବୈଷ୍ଣବାଚାର୍ଯ୍ୟ) ଙ୍କ ନିମନ୍ତେ ଏହା ଅପ୍ରାକୃତ ବିଗ୍ରହ । ଏହି ବିଗ୍ରହ ଏଇଥିପାଇଁ ଅପ୍ରାକୃତ ଯେ, ଏଥିରେ ଶୈବ ଓ ବୈଷ୍ଣବ - ଉଭୟ ବିଗ୍ରହ ତତ୍ତ୍ୱର ସମାହାର ଘଟିଛି ଓ ପଞ୍ଚୋପାସନାର ସମନ୍ୱୟ ହୋଇଛି । ସେହି କାରଣରୁ ଆଲୋଚକମାନେ ପୁରୁଷୋତ୍ତମଙ୍କ ବିଗ୍ରହରେ ସମସ୍ତ ଧର୍ମ ସମ୍ପ୍ରଦାୟର ସମନ୍ୱୟ ଦର୍ଶନ କରନ୍ତି ।

ଭାରତୀୟ ଧର୍ମ ଧାରାର ଏହି କ୍ରମ ବିବର୍ତ୍ତନରେ ପୁରୁଷୋତ୍ତମ ଜଗନ୍ନାଥ ସବୁ ପର୍ଯ୍ୟାୟରେ ଅନ୍ୱିତ ହୋଇ ବେଦାନ୍ତ ଦର୍ଶନରେ ପ୍ରତିପାଦିତ ସମନ୍ୱୟର ପ୍ରତୀକ ପାଲଟିଛନ୍ତି । ସେ ହିଁ ପାଞ୍ଚରାତ୍ରର ଅର୍ଚ୍ଚାବିଗ୍ରହ, ପୁଣି ଯୋଗୀମାନଙ୍କର ଧ୍ୟାନମୂର୍ତ୍ତି । ସେ ତନ୍ତ୍ରଶାସ୍ତ୍ରରେ ପ୍ରତିପାଦିତ ବହୁ ପ୍ରୟୋଜନ ସାଧକ ଉପାସ୍ୟଦେବତା । ସେ ବୈଷ୍ଣବ, ଶୈବ, ଶାକ୍ତ, ସୌର, ଗାଣପତ୍ୟ, ଐନ୍ଦ୍ର, ବ୍ରାହ୍ମ ଆଦି ସମସ୍ତ ପୌରାଣିକ ଦେବତତ୍ତ୍ୱର ସମାବେଶ । ସେ ବିଷ୍ଣୁଙ୍କର ଦଶ ଅବତାର । ସ୍କନ୍ଦ ପୁରାଣରେ ସ୍ପଷ୍ଟଭାବରେ ଏହି କ୍ଷେତ୍ରକୁ ଦଶାବତାର କ୍ଷେତ୍ର କୁହାଯାଇଛି । ଭଗବାନ ପୁରୁଷୋତ୍ତମ ହିଁ ନିତ୍ୟ ଏହି କ୍ଷେତ୍ରରେ ବାସ କରିଥାନ୍ତି ଓ ଏହିଠାରୁ ଆବଶ୍ୟକତା ପ୍ରକାରେ ଅବତାର ଗ୍ରହଣ କରି କାର୍ଯ୍ୟ ଉପଲକ୍ଷ୍ୟରେ ବିଭିନ୍ନ ସ୍ଥାନକୁ ଯାତ୍ରା କରନ୍ତି । ଅବତାର ଲୀଳା ଶେଷରେ ସେ ପୁଣି ଏହି କ୍ଷେତ୍ରକୁ ଫେରିଆସନ୍ତି । ଏହା ଶ୍ରୀକୃଷ୍ଣଙ୍କର ଗୋଲକ ଧାମ, ଶ୍ରୀବିଷ୍ଣୁଙ୍କର ବୈକୁଣ୍ଠ ଓ ଶ୍ରୀରାମଙ୍କର ସାକେତ । ସ୍ମାର୍ତ୍ତ ବା ସନାତନ ବୈଦିକ ଧର୍ମଶାସ୍ତ୍ରର ଆଶ୍ରୟକାରୀମାନଙ୍କର ସେ ବନ୍ଦନୀୟ ଓ ବୈଷ୍ଣବମାନଙ୍କର ମଧ୍ୟ ଉପାସ୍ୟ । ପାଞ୍ଚରାତ୍ରର ବାସୁଦେବଙ୍କର ପାଞ୍ଚଟିଯାକ ସ୍ୱରୂପ ହେଉଛନ୍ତି ପୁରୁଷୋତ୍ତମ ଜଗନ୍ନାଥ, କେବଳ ଭକ୍ତିଦ୍ୱାରା ଲଭ୍ୟ । ତାଙ୍କର ପୂଜାବିଧିରେ ବୈଦିକ, ତାନ୍ତ୍ରିକ, ଆଗମିକ (ତନ୍ତ୍ରର ଉଭୟ ବାମାଚାର ଓ ଦକ୍ଷିଣାଚାର ଦ୍ୱାରା ଆଲମ୍ବନୀୟ) ଓ ସ୍ମାର୍ତ୍ତ (ଧର୍ମଶାସ୍ତ୍ରସମ୍ମତ କର୍ମକାଣ୍ଡ)- ସବୁପ୍ରକାର ପଦ୍ଧତିର ସମ୍ମିଶ୍ରଣ ଘଟିଛି । ତେଣୁ ଶ୍ରୀଜଗନ୍ନାଥ ଧର୍ମଧାରାକୁ ଭାରତୀୟ ସନାତନ ଧର୍ମଧାରାର ବିଭିନ୍ନ ଶାଖା, ବିଭିନ୍ନ ପର୍ଯ୍ୟାୟ ଓ ବିଭିନ୍ନ ଚେତନାର ପ୍ରତିନିଧି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସାଧାରଣ ସଂପାଦକ
ଶ୍ରୀ ନୀଳାଚଳ ତତ୍ତ୍ୱସନ୍ଧାନ ପରିଷଦ
ବଳଭଦ୍ର ଗଳି, ପୁରୀ -୧